भुवनेश्वर, सोमवार, 21 दिसम्बर 2020

नवभारत

www.navabharat.news

भुवनेश्वर

Follow us on @navabharatcg

प्रथम चरण में चार बस्तियों के... पेज-2

पिकनिक मनाने गए 2 छात्रों की नदी में... पेज-2



# बीजीयू में एप्लाइड डाटा एनालिटिक्स और वित्त पोषित योजना व निवेश प्रबंधन में सर्टिफिकेट कोर्स शुरू

नवभारत ब्यूरो. | भुवनेश्वर.
www.navabharat.news

बिड़ला ग्लोबल यूनिवर्सिटी (बीजीयू) ने यहां गोठपाटना परिसर में एप्लाइड डेटा एनालिटिक्स और वित्तीय योजना व निवेश प्रबंधन में सर्टिफिकेट कोर्स शुरू किया. प्रो. पीपी माथुर, कुलपति, बीजीयू, रजिस्ट्रार डॉ. बीके दास, प्रो. परमेश्वर नायक, डीन, बिड़ला स्कूल ऑफ मैनेजमेंट



और प्रो. सैमसन महाराणा, डीन, बिड़ला स्कूल ऑफ कॉमर्स ने विश्वविद्यालय के सेमिनार हॉल में एक समारोह में इन सर्टिफिकेट पाठ्यक्रमों का शुभारंभ किया. इस मौके पर माथुर ने कहा कि इन पाठ्यक्रमों को बाजार और उद्योग की अपेक्षाओं को पूरा करने के लिए डिजाइन किया गया है, ताकि यह बड़ी संख्या में छात्रों को आकर्षित कर सकें. बीके दास ने अपने स्वागत भाषण में कहा कि हम सभी महामारी के दौरान कठिन दौर से गुजरे हैं और बिना किसी व्यवधान के ऑनलाइन शिक्षण जारी रखने के लिए संकायों के प्रयास की सराहना की है. प्रो पीपी माथुर, बीजीयू के कुलपति और रजिस्ट्रार डॉ. बीके दास ने अपने-अपने क्षेत्रों में इस तरह के अभिनव प्रमाण पत्र पाठ्यक्रमों के साथ आने के लिए स्कूलों और संकायों के डीन के प्रयासों की सराहना की. इस अवसर पर कुलपति और रजिस्ट्रार ने बीजीयू कैंपस में कोविड-19 से लड़ने में अपने निर्बाध परिश्रम के लिए कर्मचारियों और संकायों को सम्मानित किया.

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୦/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 20/2020 | ★★★★★★

୪୭ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

# ବିଜିୟୁରେ ମ୍ୟାନେଜମେଣ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ



**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ମ୍ୟାନେଜମେଣ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଆପ୍ଲାଏଡ୍ ଡାଟା ଆନାଲିଟିକ୍ସ, ଫାଇନାନ୍ସିଆଲ ପ୍ଲାନିଂ ଓ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମ ରହିଛି। ବିଜିୟୁର କୁଳପତି ପ୍ରଫେସର ଡ. ପି. ପି. ମାଥୁର, ରେଜିଷ୍ଟ୍ରାର ବି. କେ. ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଏବଂ ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା ଏହି ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପାଠ୍ୟକ୍ରମଗୁଡ଼ିକୁ ଏପରି ଡିଜାଇନ କରାଯାଇଛି, ଯାହା ବଜାର ଓ ଶିଳ୍ପଗୁଡ଼ିକର ଚାହିଦା ପୂରଣ କରିବାରେ ସାହାଯ୍ୟ କରିବ। ଏହା ଅଧିକରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବ ବୋଲି ପ୍ରଫେସର ମାଥୁର କହିଛନ୍ତି। ରେଜିଷ୍ଟ୍ରାର ବି. କେ. ଦାସ କହିଥିଲେ ଯେ, ମହାମାରୀ ସମୟରେ ଆମେ ସମସ୍ତେ କଠିନ ସମୟ ଦେଇ ଗତି କରୁଛେ। ଏଭଳି ସ୍ଥିତିରେ ବିନା କୌଣସି ବ୍ୟାଘାତରେ ଅନ୍‌ଲାଇନ୍ ଶିକ୍ଷାଦାନ ଜାରି ରଖିବା ନେଇ ଫାକଲ୍ଟିମାନଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

RNI REGD NO: ODIODI/2011/37619 - POSTAL REGD NO: BN/208/18-20

ପ୍ରମେୟ
THE PRAMEYA

VOLUME 10 • ISSUE 230 ବର୍ଷ ୧୦ • ସଂଖ୍ୟା ୨୩୦

21 DECEMBER 2020 MONDAY ୨୧ ଡିସେମ୍ବର ୨୦୨୦ ସୋମବାର

BHUBANESWAR ଭୁବନେଶ୍ୱର PRINTED AT BHUBANESWAR SAMBALPUR PANIKOILI 16 PAGES ₹ 7.00

# ବିଜିୟୁର ମ୍ୟାନେଜମେଣ୍ଟ ସାର୍ଟିଫିକେଟ ପାଠ୍ୟକ୍ରମ ଆରମ୍ଭ



ଭୁବନେଶ୍ୱର,୨୦।୧୨(ବ୍ୟୁରୋ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ଆପ୍ଲାଏଡ୍ ଡାଟା ଆନାଲିଟିକ୍ସ, ଫାଇନାନ୍ସିଆଲ ପ୍ଲାନିଂ ଓ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ସାର୍ଟିଫିକେଟ ପାଠ୍ୟକ୍ରମର ଆରମ୍ଭ ଏହାର ଗୋଠପାଟଣାସ୍ଥିତ ପରିସରରେ ଆରମ୍ଭ ହୋଇଛି । ବିଜିୟୁର କୁଳପତି ପ୍ରଫେସର ଡ. ପି.ପି. ମାଥୁର, ବିଜିୟୁ ରେଜିଷ୍ଟ୍ରାର ଡ. ବି.କେ. ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଏବଂ ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ଡ. ସାମସନ ମହାରଣା ୟୁନିଭର୍ସିଟିର ସେମିନାର ହଲରେ ଏହି ପାଠ୍ୟକ୍ରମ ଶୁଭାରମ୍ଭ କରିଥିଲେ । ପାଠ୍ୟକ୍ରମଗୁଡ଼ିକୁ ଏପରି ଡିଜାଇନ୍ କରାଯାଇଛି, ଯାହା ବଜାର ଓ ଶିଳ୍ପଗୁଡ଼ିକର ଚାହିଦା ପୂରଣ କରିବାରେ ସାହାଯ୍ୟ କରିବ । ଏହା ଅଧିକରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବ ବୋଲି ପ୍ରଫେସର ମାଥୁର କହିଛନ୍ତି । ଡ. ବି.କେ. ଦାସ କହିଲେ ଯେ ମହାମାରୀ ସମୟରେ ଆମେ ସମସ୍ତେ କଠିନ ସମୟ ଦେଇ ଗତି କରୁଛେ ଓ ବିନା କୌଣସି ବ୍ୟାଘାତରେ ଅନ୍‌ଲାଇନ ଶିକ୍ଷାଦାନ ଜାରି ରଖିବା ପାଇଁ ଫାକଲ୍ଟିମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ବିଜିୟୁର କୁଳପତି ପ୍ରଫେସର ଡ. ପି.ପି. ମାଥୁର, ବିଜିୟୁ ରେଜିଷ୍ଟ୍ରାର ଡ. ବି.କେ. ଦାସ ମଧ୍ୟ ନିଜ ନିଜ ଅଞ୍ଚଳର ଏଭଳି ଅଭିନବ ପାଠ୍ୟକ୍ରମ ଆରମ୍ଭ କରିବାକୁ ସ୍କୁଲର ଡିନ୍ ଓ ଫାକଲ୍ଟିମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ବିଜିୟୁର କୁଳପତି ଏବଂ ରେଜିଷ୍ଟ୍ରାର କର୍ମଚାରୀ ଏବଂ ଫାକଲ୍ଟିମାନଙ୍କୁ କ୍ୟାମ୍ପସରେ କୋଭିଡ୍ -୧୯ ବିରୋଧରେ ଜାରି ରଖିଥିବା ଲଢେଇକୁ ପ୍ରଶଂସା କରିଥିଲେ ।

www.sakalaepaper.com
www.thesakala.com
/thesakalanews
/TheSakala



୨ ସୁଟିଂ ସେଟ୍‌ରେ ବେହୋସ ହୋଇଗଲେ ମିଥୁନ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR
◆ VOLUME -18 ◆ ISSUE - 167 ◆ BHUBANESWAR ◆ TUESDAY ◆ 22 DECEMBER 2020 ◆ PAGE-16 ◆ ₹ 5.00
◆ ବର୍ଷ-୧୮ ◆ ସଂଖ୍ୟା-୧୬୭ ◆ ଭୁବନେଶ୍ୱର ◆ ମଙ୍ଗଳବାର ◆ ୨୨ ଡିସେମ୍ବର ୨୦୨୦ ◆ ପୃଷ୍ଠା-୧୬ ◆ ଟ.୫.୦୦

# ବିଜିୟୁର ନୂଆ ପାଠ୍ୟକ୍ରମ



**ଭୁବନେଶ୍ୱର,୨୧।୧୨(ସମିସ)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ଆପ୍ଲାଏଡ୍ ଡାଟା ଆନାଲିଟିକ୍ସ ଏବଂ ଫାଇନାନ୍ସିଆଲ ପ୍ଲାନିଂ ଓ ଇନ୍‌ଭେଷ୍ଟମେଣ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମ ଏହାର ଗୋଠପାଟଣା ସ୍ଥିତ କ୍ୟାମ୍ପସ୍‌ଠାରେ ଆରମ୍ଭ କରାଯାଇଛି । ଏହି ଅବସରରେ ବିଜିୟୁର କୁଳପତି ପି.ପି. ମାଥୁର, ରେଜିଷ୍ଟ୍ରାର ଡ. ବି.କେ. ଦାସ, ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପରମେଶ୍ୱର ନାୟମ ଏବଂ ବିର୍ଲା ସ୍କୁଲ୍ ଅଫ୍ କମର୍ସର ଡିନ୍ ଡ. ପ୍ରଫେସର ସାମସନ୍ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପାଠ୍ୟକ୍ରମଗୁଡିକ ବଜାର ଅର୍ଥନୀତି ଏବଂ ଶିଳ୍ପାନୁଷ୍ଠାନର ଚାହିଦା ପୂରଣ କରିବାରେ ସହାଯ୍ୟ କରିବ । ଏହା ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବ ବୋଲି ଶ୍ରୀ ମାଥୁର କହିଛନ୍ତି । କାର୍ଯ୍ୟକ୍ରମରେ କୁଳପତି ଫାକଲ୍ଟିମାନଙ୍କୁ କ୍ୟାମ୍ପସ୍‌ରେ କୋଭିଡ୍-୧୯ର ସୁପରିଚାଳନା ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ପଞ୍ଚବିଂଶ ବର୍ଷ
ସଂଖ୍ୟା : ୭୨
ତିଥି : ଷଷ୍ଠୀ
୨୦ ଡିସେମ୍ବର ୨୦୨୦, ରବିବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXV, No. 72
20 December 2020, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବିଜିୟୁର ଆପ୍ଲାଏଡ୍ ଡାଟା ଆନାଲିଟିକ୍ସ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ସାର୍ଟିଫିକେଟ ପାଠ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ): ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ ଆପ୍ଲାଏଡ ଡାଟା ଆନାଲିଟିକ୍ସ ଏବଂ ଫାଇନାନ୍ସିଆଲ ପ୍ଲାନିଂ ଓ ଇନ୍‌ଭେଷ୍ଟମେଣ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମର ଶୁଭାରମ୍ଭ ଏହାର ଗୋଠପାଠଣାସ୍ଥିତ କ୍ୟାମ୍ପସ ଠାରେ ହୋଇଯାଇଛି । ବିଜିୟୁର କୁଳପତି ପ୍ରଫେସର ପି.ପି.ମାଥୁର, ବିଜିୟୁ ରେଜିଷ୍ଟ୍ରାର ଡଃ ବି.କେ ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଏବଂ ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ଡଃ ପ୍ରଫେସର ସାମସନ ମହାରଣା ୟୁନିଭରସିଟିର ସେମିନାର ହଲ୍‌ରେ ଏହି ପାଠ୍ୟକ୍ରମ ଗୁଡ଼ିକର ଆରମ୍ଭ କରିଥିଲେ । ଏହି ପାଠ୍ୟକ୍ରମକୁ ଏପରି ପ୍ରସ୍ତୁତ କରାଯାଇଛି ଯାହା ବଜାର ଅର୍ଥନୀତି ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକର ଚାହିଦା ପୂରଣ କରିବାରେ ସାହାଯ୍ୟ କରିବ ଏବଂ ଏହା ଅଧିକରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିବ ବୋଲି ପ୍ରଫେସର ମାଥୁର କହିଥିଲେ । ଡଃ ବି.କେ ଦାସ ତାଙ୍କ ସ୍ୱାଗତ ଭାଷଣରେ କହିଛନ୍ତି ଯେ, ମହାମାରୀ ସମୟରେ ଆମେ ସମସ୍ତେ କଠିନ ସମୟ ଦେଇ ଗତି କରୁଛେ ଏବଂ ବିନା କୌଣସି ବ୍ୟାଘାତରେ ଅନ୍‌ଲାଇନ୍ ଶିକ୍ଷାଦାନ ଜାରି ରଖିଥିବାରୁ ଫାକଲ୍ଟିମାନଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ବିଜିୟୁର କୁଳପତି ପ୍ରଫେସର ପି.ପି ମାଥୁର, ବିଜିୟୁ ରେଜିଷ୍ଟ୍ରାର ଡଃ ବି.କେ ଦାସ ମଧ୍ୟ ନିଜନିଜ ପାଠ୍ୟକ୍ରମରେ ଏଭଳି ଅଭିନବ ସାର୍ଟିଫିକେଟ୍ କୋର୍ସ ପ୍ରସ୍ତୁତ କରିବାକୁ ଆରମ୍ଭ କରିଥିବାରୁ ସ୍କୁଲର ଡିନ୍ ଏବଂ ଫାକଲ୍ଟିମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ବିଜିୟୁର କୁଳପତି ଏବଂ ରେଜିଷ୍ଟ୍ରାର, କର୍ମଚାରୀ ଏବଂ ଫାକଲ୍ଟିମାନଙ୍କୁ କ୍ୟାମ୍ପସରେ କୋଭିଡ-୧୯ର ସୁପରିଚାଳନା ଉଦ୍ୟମକୁ ପ୍ରଶଂସା କରିଥିଲେ ଏବଂ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।